# NATIONAL NEWS BULLETIN (ODIA)
## 23 April - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ପହଲଗାମ୍ ଆକ୍ରମଣ ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ ।
- ସନ୍ତ୍ରାସବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି କାର୍ଯ୍ୟକାରୀ କରିବା ଦିଗରେ ଭାରତର ପ୍ରତିଶ୍ରୁତିବଦ୍ଧତା ଦୋହରାଇଲେ ପ୍ରତିରକ୍ଷା ମନ୍ତ୍ରୀ ।
- ପହଲଗାମ୍‌ରେ ନିରିହ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ସନ୍ତ୍ରାସବାଦୀଙ୍କୁ କେବେବି ଛଡ଼ାଯିବ ନାହିଁ ବୋଲି ସମଗ୍ର ଦେଶକୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ।
- ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଆସନ୍ତାକାଲି ଦେଶବ୍ୟାପି ହେବାକୁ ଥିବା ଗ୍ରାମସଭାକୁ ବିହାରର ମଧୁବନିରୁ ଭର୍ଚୁଆଲ୍ ମାଧ୍ୟମରେ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଲା ମୁମ୍ବାଇ ଇଣ୍ଡିଆନ୍ସ ।

## କ୍ୟାବିନେଟ୍

ପହଲଗାମ ଆକ୍ରମଣ ପରିପ୍ରେକ୍ଷୀରେ ବର୍ତ୍ତମାନ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେଉଛି । ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ ଉପସ୍ଥିତ ଅଛନ୍ତି ।

ବୈଠକ ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇବାର କାର୍ଯ୍ୟସୂଚୀ ଥିବା ଜଣାଯାଇଛି ।

# ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସନ୍ତ୍ରାସବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି କାର୍ଯ୍ୟକାରୀ କରିବା ଦିଗରେ ଭାରତର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଜାମ୍ମୁ କାଶ୍ମୀରର ପହଲ୍‌ଗାମ୍ ଆକ୍ରମଣରେ ଦୋଷୀଙ୍କ ବିପକ୍ଷରେ ସମସ୍ତ ପ୍ରକାର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସରକାର ଗ୍ରହଣ କରିବେ ବୋଲି ଶ୍ରୀ ସିଂହ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଭାରତୀୟ ବାୟୁ ସେନା ପକ୍ଷରୁ ଆୟୋଜିତ ମାର୍ସାଲ୍ ଅର୍ଜନ ସିଂହ ସ୍ମାରକୀ ବକ୍ତୃତାମାଳାରେ ଯୋଗଦେଇ ସେ ଏହା କହିଛନ୍ତି ।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତ ଏଭଳି ଏକ ପୁରାତନ ସଭ୍ୟତା ଭିତ୍ତିକ ବିଶାଳ ଦେଶ ଯେଉଁଠାରେ ଏଭଳି ସନ୍ତ୍ରାସବାଦ କାର୍ଯ୍ୟକଳାପକୁ କୌଣସି ମତେ ବରଦାସ୍ତ କରାଯାଇ ପାରିବ ନାହିଁ ।

ଏହି ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରବର୍ଗ ପ୍ରତି ପ୍ରତିରକ୍ଷା ମନ୍ତ୍ରୀ ସମବେଦନା ଜଣାଇବା ସହ ଖୁବ୍ ଶୀଘ୍ର କେବଳ ଏହି ଘଟଣାରେ ସମ୍ପୃକ୍ତ ଦୋଷୀ ନୁହନ୍ତି ବରଂ ପ୍ରଚ୍ଛଦପଟ୍ଟରେ ରହିଥିବା ବ୍ୟକ୍ତିବିଶେଷ ବା ଗୋଷ୍ଠୀଙ୍କ ବିରୁଦ୍ଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

**V/O-RAJNATH-SINGH**

# ଶାହା-ଜାମ୍ମୁ କାଶ୍ମୀର

ସନ୍ତ୍ରାସବାଦ କାର୍ଯ୍ୟକଳାପ ନିକଟରେ ଭାରତ କେବେବି ମୁଣ୍ଡ ନୁଆଇଁବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ ପହଲଗାମ୍ ସନ୍ତ୍ରାସବାଦ ଆକ୍ରମଣ ପରେ ସ୍ଥିତି ସମୀକ୍ଷା ଲାଗି ଗତକାଲି ଠାରୁ ଜାମ୍ମୁ କାଶ୍ମୀର ଗସ୍ତରେ ଥିବା ଶ୍ରୀ ଶାହା ଆଜି ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଏହା କହିଛନ୍ତି । ସେ କହିଛନ୍ତି, ଏହି ଆକ୍ରମଣରେ ନିଜର ପରିଜନଙ୍କୁ ହରାଇଥିବାରୁ ପ୍ରତ୍ୟେକ ଭାରତୀୟ କଷ୍ଟ ଅନୁଭବ କରୁଛନ୍ତି । ତେବେ ଏହି ନିରିହ ବ୍ୟକ୍ତିମାନଙ୍କୁ ହତ୍ୟା କରିଥିବା ସନ୍ତ୍ରାସବାଦୀଙ୍କୁ କେବେବି ଛଡ଼ାଯିବ ନାହିଁ ବୋଲି ଶ୍ରୀ ଶାହା ସମଗ୍ର ଦେଶକୁ ପ୍ରତିଶ୍ରୁତି ଦେଇଛନ୍ତି ।

ଶ୍ରୀନଗର ସ୍ଥିତ ପୋଲିସ୍ କଣ୍ଟ୍ରୋଲ୍‌ରୁମ୍ ଠାରେ ଶ୍ରୀ ଶାହା ଆଜି ସନ୍ତ୍ରାସବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସ୍ୱତନ୍ତ୍ର ବିମାନ ଯୋଗେ ଶ୍ରୀନଗରରୁ ପାର୍ଥିବ ଶରୀରଗୁଡ଼ିକୁ ସେମାନଙ୍କ ଜନ୍ମସ୍ଥାନକୁ ପଠାଇବାର ବ୍ୟବସ୍ଥା ହୋଇଛି । ଶ୍ରୀ ଶାହା ଆଜି ଅନନ୍ତନାଗ ସରକାରୀ ମେଡିକାଲ୍ କଲେଜ୍ ହସ୍ପିଟାଲ୍‌କୁ ଯାଇ ଚିକିତ୍ସାଧୀନ ଆହତଙ୍କର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ପଚାରି ବୁଝିଛନ୍ତି । ପହଲଗାମ୍, ଦକ୍ଷିଣ କାଶ୍ମୀରର ଅନନ୍ତନାଗ, କୁଲ୍‌ଗାମ୍ ଏବଂ ଅନ୍ୟାନ୍ୟ

ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ଘଟଣା ପ୍ରତିବାଦରେ ଉପତ୍ୟକାରେ ଆଜି ବିଭିନ୍ନ ସଂଗଠନ ପକ୍ଷରୁ ଦିନିକିଆ ବନ୍ଦ ପାଳନ କରାଯାଇଛି ।

ଅନ୍ୟ ପକ୍ଷରେ ପୋଲିସ୍ ଏବଂ ଗୁଇନ୍ଦା ସଂସ୍ଥା ପକ୍ଷରୁ ସମ୍ପୃକ୍ତ ୩ ଆକ୍ରମଣକାରୀଙ୍କର ସ୍କେଚ୍ ଜାରି କରାଯାଇଛି । ଇତିମଧ୍ୟରେ ଏହି ସନ୍ତ୍ରାସବାଦୀ ଆକ୍ରମଣର ତଦନ୍ତ ଭାର ଜାତୀୟ ତଦନ୍ତକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି ।

ଏହି ଆକ୍ରମଣରେ ପ୍ରାଣ ହରାଇଥିବା ୨୬ ଜଣ ପର୍ଯ୍ୟଟକଙ୍କ ଆତ୍ମୀୟ ସ୍ୱଜନଙ୍କ ଲାଗି ଜାମ୍ମୁ କାଶ୍ମୀର ସରକାର ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ସେହିଭଳି ଗୁରୁତର ଆହତଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ସାମାନ୍ୟ ଆହତଙ୍କ ଲାଗି ୧ ଲକ୍ଷ ଟଙ୍କା ଲେଖାଏଁ ସହାୟତାରାଶି ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ଓମର୍ ଅବଦୁଲ୍ଲା ଏହି ଘଟଣାରେ ଶୋକ ପ୍ରକାଶ କରି କହିଛନ୍ତି, କୌଣସି ପରିମାଣର ଅନୁକମ୍ପା ମୂଳକ ସହାୟତାରାଶି ଆମ ପ୍ରିୟଜନଙ୍କ ଜୀବନହାନୀ ଦୁଃଖକୁ ଭରଣା କରିପାରିବ ନାହିଁ । ତେବେ ଏହି ଦୁଃଖଦ ସମୟରେ ରାଜ୍ୟ ସରକାର ମୃତକଙ୍କ ପରିବାର ସହିତ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି ବୋଲି ଶ୍ରୀ ଅବଦୁଲ୍ଲା କହିଛନ୍ତି ।

# ୱାର୍ଲ୍ଡ ଲିଡର୍ସ

ପହଲଗାମ୍ ସନ୍ତ୍ରାସବାଦୀ ଆକ୍ରମଣକୁ ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ପକ୍ଷରୁ ନିନ୍ଦା କରାଯାଇଛି । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିଜ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇ ଏହି ଘଟଣାକୁ ନିନ୍ଦା କରିବା ସହ ନିରିହ ନାଗରିକଙ୍କ ପ୍ରାଣହାନୀ ଯୋଗୁଁ ଦୁଃଖ ପ୍ରକାଶ କରିଛନ୍ତି । ସନ୍ତ୍ରାସବାଦ ବିରୁଦ୍ଧରେ ଲଢ଼େଇ କରିବାରେ ଅଷ୍ଟ୍ରେଲିଆ ପୂର୍ଣ୍ଣମାତ୍ରାରେ ଭାରତକୁ ସମର୍ଥନ କରେ ବୋଲି ସେ କହିଛନ୍ତି ।

ସେହିଭଳି ମରିସସ୍‌ର ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ରାମ ଗୁଲାମ ପ୍ରଧାନମନ୍ତ୍ରୀଙ୍କ ସହିତ ଫୋନ୍ ଯୋଗେ ଏ ସମ୍ପର୍କରେ କଥା ହେବା ସହ ଦୁଃଖ ପ୍ରକାଶ କରିଛନ୍ତି । ସନ୍ତ୍ରାସବାଦ ବିରୁଦ୍ଧ ଯୁଦ୍ଧରେ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସେ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି ।

ନେପାଳର ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଏହି ଘଟଣାକୁ ଦୃଢ଼ ଭାବେ ନିନ୍ଦା କରିବା ସହ ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଜଣେ ନେପାଳି ନାଗରୀକଙ୍କ ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଏଭଳି ଅମାନବୀୟ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ମୃତକଙ୍କ ପରିବାରବର୍ଗ ପ୍ରତି ଭାରତ ସରକାର ନ୍ୟାୟ ପ୍ରଦାନ କରିବେ ବୋଲି ଶ୍ରୀ ଓଲି ଆଶାବ୍ୟକ୍ତ କରିଛନ୍ତି ।

ଏହାଛଡ଼ା ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍, ଜର୍ମାନ୍ ଚାନ୍ସେଲର୍ ଓଲାଫ୍ ସ୍କଲଜ୍, ଗୁଆନାର ରାଷ୍ଟ୍ରପତି ଇର୍ଫାନ୍ ଅଲି, ବାଂଲାଦେଶର ଅନ୍ତରିଣ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସ୍ ଓ ୟୁରୋପିଆନ୍ କମିଶନ୍ର ଅଧ୍ୟକ୍ଷ ଉର୍ଷୁଲା ଭନ୍ ଡେର୍ ଲିୟେନ୍ଙ୍କ ସମେତ ବହୁ ରାଷ୍ଟ୍ର ନେତୃବୃନ୍ଦ ଏହି ସନ୍ତ୍ରାସବାଦ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି ।

# ଟ୍ରେନ୍-ଜାମ୍ମୁ-ଦିଲ୍ଲୀ

ପହଲଗାମ୍ ସନ୍ତ୍ରାସବାଦ ଆକ୍ରମଣକୁ ଦୃଷ୍ଟିରେ ରଖି କାଟ୍ରାଠାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଆଜି ରାତିରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ  ଭାରତୀୟ ରେଳବାଇ ନିଷ୍ପତ୍ତି ନେଇଛି । ଯାତ୍ରୀମାନଙ୍କର ଭିଡ଼ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି । ଏହି ଟ୍ରେନ୍ ଆଜି ରାତି ୯ଟା ୨୦ ମିନିଟ୍ ସମୟରେ ମାତା ବୈଷ୍ଣୋଦେବୀ କାଟ୍ରା ଷ୍ଟେସନ୍ରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବ । ଯାତ୍ରୀମାନଙ୍କ ସୁବିଧା ଲାଗି ରେଳବାଇ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି । ଜାମ୍ମୁ ତାୱି ଷ୍ଟେସନ୍ ଲାଗି ଏହି ନମ୍ବରଟି ହେଉଛି – **0191-27470226** । ସେହିଭଳି କାଟ୍ରା ଷ୍ଟେସନ୍ ଲାଗି **01991-234876** ଏବଂ ଉଧମପୁର ଷ୍ଟେସନ୍ ଲାଗି ଏହି ନମ୍ବରଟି ହେଲା – **7717306616** ।

ଅନ୍ୟ ପକ୍ଷରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶ୍ରୀନଗର ଠାରୁ ଦିଲ୍ଲୀ ଏବଂ ମୁମ୍ବାଇକୁ ଆଜି ଚାରୋଟି ସ୍ୱତନ୍ତ୍ର ବିମାନ ଉଡ଼ାଣ କରିବ । ଯାତ୍ରୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି  ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି ।

# ପିଏମ୍-ଭିଜିଟ୍

ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଆସନ୍ତାକାଲି ଦେଶବ୍ୟାପି ଆୟୋଜିତ ହେବାକୁ ଥିବା ଗ୍ରାମସଭାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ମଧୁବନି ଠାରୁ ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ବୋଧନ ଦେବେ । ଏହି ଅବସରରେ ଜାମ୍‌ସେଦପୁରର ବିଦେଶ୍ୱର ସ୍ଥାନ ଠାରେ ଆୟୋଜିତ ହେବାକୁ ଥିବା ମୁଖ୍ୟ ସମାରୋହରେ ଯୋଗଦେଇ ଶ୍ରୀ ମୋଦୀ ୧୩ ହଜାର ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ହୋଇଥିବା ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର ଲୋକାର୍ପଣ କରିବେ । ଏହି ପ୍ରକଳ୍ପ ଗୁଡ଼ିକ ମାଧ୍ୟମରେ ବିହାରର ଗ୍ରାମୀଣ ଅଞ୍ଚଳକୁ ସଂଯୋଗୀକରଣ ସୁବିଧା ଓ ବିଭିନ୍ନ ସେବା ଯୋଗାଇ ଦିଆଯିବା ସହ ଆର୍ଥିକ ସୁଯୋଗ ମଧ୍ୟ ସୃଷ୍ଟି କରାଯାଇପାରିବ । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଏହି ଅବସରରେ ସ୍ୱତନ୍ତ୍ର ବର୍ଗ ଜାତୀୟ ପଞ୍ଚାୟତ ପୁରସ୍କାର ୨୦୨୫ ପ୍ରଦାନ କରିବେ । ଏହାଛଡ଼ା ଶ୍ରୀ ମୋଦୀ ଚାରୋଟି ନୂତନ ଟ୍ରେନ୍ ଚଳାଚଳର ମଧ୍ୟ ଶୁଭାରମ୍ଭ କରିବେ ।

ଚଳିତ ବର୍ଷ ଜାତୀୟ ପଞ୍ଚାୟତ ରାଜ ଦିବସ ସରକାରଙ୍କ ସାମଗ୍ରୀକ ଚିନ୍ତାଧାରାର ପ୍ରତିଫଳ ସ୍ୱରୂପ ବୃହତ ଆକାରରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିରେ ଗ୍ରାମୀଣ ବିକାଶ, ଗୃହ ଓ ସହରାଞ୍ଚଳ ବ୍ୟାପାର, ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ, ଶକ୍ତି, ରେଳବାଇ ଏବଂ ସଡ଼କ ପରିବହନ ରାଜପଥ ମନ୍ତ୍ରଣାଳୟ ମିଳିତ ଭାବେ ଏଥିରେ ଅଂଶଗ୍ରହଣ କରୁଛନ୍ତି ।

## ଡାଲି ସଂଗ୍ରହ

୨୦୨୪-୨୫ ଖରିଫ୍ ଋତୁ ଲାଗି ମୂଲ୍ୟ ସହାୟକ ଯୋଜନା ଅଧୀନରେ ହରଡ଼, ବିରି ଓ ମସୁର ଡାଲି ସଂଗ୍ରହ ଲାଗି ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଏକ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଡାଲିର ଘରୋଇ ଉତ୍ପାଦନ ବୃଦ୍ଧି କରିବା ଓ ଆମଦାନୀ ହ୍ରାସ କରିବା ସହିତ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଞ୍ଜୁର କରିଥିବା ଏହି ପ୍ରସ୍ତାବ ଅନୁଯାୟୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜରାଟ, ହରିଆଣା, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲଙ୍ଗାନା ଓ ଉତ୍ତର ପ୍ରଦେଶରେ ୨୦୨୪-

୨୫ ଖରିଫ୍ ଋତୁ ଲାଗି ମୂଲ୍ୟ ସହାୟକ ଯୋଜନା ଅଧୀନରେ ୧୩ ଦଶମିକ୍ ୨/୨ ଲକ୍ଷ ମେଟ୍ରିକ୍ ଟନ୍ ହରଡ଼ ଡାଲି ସଂଗ୍ରହ କରାଯିବ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ମିଳିଥିବା ସୂଚନା ଅନୁଯାୟୀ ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୮ ଓ୍ୱିକେଟ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ପରାସ୍ତ କରିଛି ।